## ସଂକ୍ଷେପରେ

### ସମବାୟ ନିର୍ବାଚନ: ୭ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



କୋଟପାଡ଼,୧୧।୬ (ଡି.ଏନ.ଏ.)- କୋରାପୁଟ ଜିଲ୍ଲା କୋଟପାଡ଼ ବହୁମୁଖୀ ସମବାୟ ସମିତି ନିର୍ବାଚନ ପାଇଁ ଆସନ୍ତା ୨୬ରେ ଭୋଟ ଗ୍ରହଣ ନେଇ ୧୫ ଜୋନ୍‌ରେ ୫୫ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ସେଥିରୁ ଆପତ୍ତି ଅଭିଯୋଗ ଯାଞ୍ଚ ପରେ ୧୩ ଜଣଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଛି। ୪୨ ନାମାଙ୍କନପତ୍ର କାଏମ ଥିବା ବେଳେ ଏଥିରୁ ୭ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଇଛନ୍ତି। ଗିର୍ଲା ଜୋନ୍‌ରୁ ଦୁରପୁତା ଭତରା, ବୋବେୟା ଜୋନ୍‌ରୁ ବଇଦେଇ ଗାଦବା, ଚାନ୍ଦିଲି ଜୋନ୍‌ରୁ ବାଳକୃଷ୍ଣ ମାଝି, ଘୁମର ଜୋନ୍‌ରୁ କମଳା ପୂଜାରୀ, କୁସୁମୀ ଜୋନ୍‌ରୁ ନୀଳକଣ୍ଠ ନାୟକ, ଭନସୁଲି ଜୋନ୍‌ରୁ ରାଜମୋହନ ଭଣ୍ଡାରୀ ଓ ବତାସନା ଜୋନ୍‌ରୁ ପଦ୍ମା ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବର୍ତ୍ତମାନ କୋଟପାଡ଼ ଜୋନ୍‌ରେ ୮ ଜଣ, ଗୁମୁଡ଼ା ଜୋନ୍‌ରୁ ୩, ମୂର୍ତ୍ତାହାଣ୍ଡି ଜୋନ୍ ୨, ଏସ୍‌ବି ନୂଆଗାଁ ଜୋନ୍ ୨, ଚିତ୍ରା ଜୋନ୍ ୪, ଗୁଆଳି ଜୋନ୍ ୬, ଧମନାହାଣ୍ଡି ଜୋନ୍ ୫, ଷୋଡରଙ୍ଗ ଜୋନରୁ ୫ ଜଣ ପ୍ରାର୍ଥୀ ନିର୍ବାଚନରେ ରହିଛନ୍ତି। ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ୧୩ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

### ମାଲକାନଗିରିରୁ ଭୁବନେଶ୍ୱର ଯାଉଥିବା ବସ୍ ଦୁର୍ଘଟଣାଗ୍ରସ୍ତ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ

ମାଲକାନଗିରି,୧୧।୬(ଡି.ଏନ.ଏ.)- ମାଲକାନଗିରିରୁ ଭୁବନେଶ୍ୱର ଯାଉଥିବା ଏକ ଘରୋଇ ବସ ରମ୍ଭା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟା ୬.୩୦ରେ ମାଲକାନଗିରି ସଦରମାହକୁମା ବସଷ୍ଟାଣ୍ଡରୁ ଯାତ୍ରୀଙ୍କୁ ଧରି ବସ୍‌ଟି ବାହାରିଥିଲା। ଶନିବାର ଭୋର ସମୟରେ ରମ୍ଭା ଜାତୀୟ ରାଜପଥ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା ବୋଲି ମାଲକାନଗିରି ଘରୋଇ ବସ୍ ସଂଘ ସଦସ୍ୟ ଛବି ଦାସ କହିଛନ୍ତି। ପୂର୍ବର ବସ୍‌ଟିର ସମ୍ମୁଖ ଭାଗ କାଚ ସାମାନ୍ୟ ଭାଙ୍ଗି ଯାଇଥିଲା। ସେହି କାଚଟି ଶନିବାର ହଠାତ୍ ଖସି ପଡ଼ିଥିଲା। ଫଳରେ ବସ୍‌ଟି ଭାରସାମ୍ୟ ହରାଇ ଗୋଟିଏ ପଟକୁ ଚାଲିଯାଇ ଏକ ଡିଭାଇଡରରେ ପିଟି ହୋଇ ଏକ ମାଟିଗଦା ଉପରକୁ ଚଢ଼ି ଅଟକି ରହିଥିଲା। ଖବର ପାଇ ରମ୍ଭା ହସ୍ପିଟାଲ ଆମ୍ବୁଲାନ୍ସ ପହଞ୍ଚି ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍‌ପିଟାଲକୁ ନେଇଥିଲା। ଏକ ସ୍ୱତନ୍ତ୍ର ଗାଡିରେ ଅନ୍ୟ ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା।

### ବୋଲେରୋ-ଟ୍ରକ୍ ମୁହାଁମୁହିଁ ଧକ୍କା, ୪ ଆହତ

କାଶୀନଗର,୧୧।୬- ଗଜପତି କାଶୀନଗର ଥାନା ପାରଳାଖେମୁଣ୍ଡି ଗୁଣପୁର ରାଜପଥ ୪ର୍ଥ ଲେନର ସିଆଳିଠାରେ ଟ୍ରକ୍ ଓ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବୋଲେରୋରେ ଥିବା ୪ ଜଣ ଯାତ୍ରୀ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛନ୍ତି। କାଶୀନଗର ଥାନାରେ ନଂ.୬୯/୨୨ରେ ମାମଲା ରୁଜୁ ହୋଇଛି। ବୋଲେରୋ (ନଂ ଓଡି୧୮ଏଫ୧୧୫୫) ଓ ଟ୍ରକ୍ (ନଂ ଏପି ୩୫ଏକ୍ସ୬୨୬୯) ଗାଡ଼ି ଦୁଇଟି ଥାନାରେ ସିଜ୍ କରି ରଖାଯାଇଛି।

# ବାଦାମ ବିକି ଟଙ୍କା ନ ପାଇ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

■ ବ୍ୟବସାୟୀଙ୍କୁ ବିକି ଟଙ୍କା ପାଉନାହାନ୍ତି ଚାଷୀ
■ ବ୍ୟବସାୟୀଙ୍କ ଅସ୍ୱୀକାର: ଚାଷୀଙ୍କୁ ଟଙ୍କା ପ୍ରଦାନ କରାଯାଉଛି
■ ଅଧିକ ଅର୍ଥ ଲୋଭରେ ମଣ୍ଡିକୁ ବାଦାମ ଆଣୁନାହାନ୍ତି ଚାଷୀ: ଲ୍ୟାମ୍ପ ପରିଚାଳକ

ମାଲକାନଗିରି,୧୧।୬(ଡି.ଏନ୍.ଏ.)

ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହାର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚିପାରୁନାହିଁ। ଚାଷୀ ଶୋଷଣର ଶିକାର ହେଉଛନ୍ତି। ଫଳରେ ସେମାନେ ଆତ୍ମହତ୍ୟା କରିବା ପରି ଚରମ ନିଷ୍ପତ୍ତି ନେଉଛନ୍ତି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଏମ୍‌ଭି-୩୧ ଓ ୩୨ ଗ୍ରାମର ଚାଷୀଙ୍କ କ୍ଷେତ୍ରରେ।



ଜଣେ ବ୍ୟବସାୟୀଙ୍କୁ ଚାଷୀ ବାଦାମ ବିକ୍ରୀ କରୁଛନ୍ତି।

ମାଲକାନଗିରି ଜିଲାରେ ୬୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଯେଉଁ ଫସଲ ଉତ୍ପାଦନ କରିଥାନ୍ତି ସେଥିରେ ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। କିଛି ଅଧିକ ଟଙ୍କା ପାଇବା ଆଶାରେ କୋରୁକୋଣ୍ଡା ବ୍ଲକର ଉପରୋକ୍ତ ଗ୍ରାମର ଚାଷୀମାନେ ନିଜ ଉତ୍ପାଦିତ ବାଦାମକୁ ମଣ୍ଡିରେ ବିକ୍ରି ନ କରି ବ୍ୟବସାୟୀଙ୍କୁ ବିକ୍ରି କରିଥାନ୍ତି। ମାତ୍ର ବ୍ୟବସାୟୀଙ୍କୁ ବାଦାମ ବିକି ନିଜ ପ୍ରାପ୍ୟ ପାଉ ନ ଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଏମ୍‌ଭି-୨୯ ଗ୍ରାମର ଚାଷୀ ପରେଶ ବିଶ୍ୱାସ ଜଣେ ବ୍ୟବସାୟୀଙ୍କୁ ଉତ୍ପାଦିତ ବାଦାମ ବିକିଏଯାଏ ପ୍ରାପ୍ୟ ପାଇନାହାନ୍ତି। ବ୍ୟବସାୟୀ ଜଣକ ପରେଶଙ୍କୁ ଅଳ୍ପ କିଛି ଟଙ୍କା ଦେଇ ବାଦାମ ନେଇଯାଇଛନ୍ତି। ତାଙ୍କୁ ଆଉ ବଳକା ଟଙ୍କା ଦେଇନାହାନ୍ତି ବୋଲି ପରେଶ ଅଭିଯୋଗ ଉଠାଇଛନ୍ତି। ବ୍ୟବସାୟୀଙ୍କୁ ବାଦାମ ବିକି ଟଙ୍କା ପାଉ ନ ଥିବାରୁ କିପରି ଋଣ ଶୁଝିବା,ଶ୍ରମିକଙ୍କ ମଜୁରି ଦେବା ଏବଂ ପରିବାର ଚଳାଇବେ ସେନେଇ ସେ ଚିନ୍ତାରେ ପଡ଼ି ଶେଷରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏନେଇ କେତେଜଣ ଚାଷୀ ମାଲକାନଗିରି ଥାନାରେ ଅଭିଯୋଗ କରିବା ପରେ ବାଦାମ କିଣିଥିବା ବ୍ୟବସାୟୀ ଜଣକ କେତେଜଣ ଚାଷୀଙ୍କୁ ଅଳ୍ପ କିଛି ଟଙ୍କା ଦେଇ ଅବଶିଷ୍ଟ ଟଙ୍କା କିଛିଦିନ ମଧ୍ୟରେ ଦେବାକୁ କହିଥିଲେ। ମାତ୍ର ସେ ଟଙ୍କା ଦେବା ବଦଳରେ ଗ୍ରାମ ଛାଡ଼ି ଫେରାର ହୋଇଯାଇଥିବା ଜଣାପଡ଼ିଛି।

ଚଳିତ ବର୍ଷ ବାଦାମ କୁଇଣ୍ଟାଲ ପିଛା ସରକାରୀ ମୂଲ୍ୟ ୫୫୫୦ ଟଙ୍କା ଥିବା ବେଳେ ଚାଷୀଙ୍କଠାରୁ ବ୍ୟବସାୟୀମାନେ ୭୬୦୦ ଟଙ୍କାରେ କିଣି ଲାଭବାନ୍ ହେଉଛନ୍ତି। ମାତ୍ର ଚାଷୀ କୌଣସି ଫାଇଦା ପାଉନାହାନ୍ତି। ଏହି ସମସ୍ୟା ନେଇ ଚାଷୀ ରାଜେନ ଡାକୁଆ, ନିର୍ମଳ ଚନ୍ଦ୍ର କବିରାଜ, ଗୋପାଳ ମିସ୍ତ୍ରି, ବିଶ୍ୱଜିତ ମଲ୍ଲିକ କହିଛନ୍ତି, ଏନେଇ ଆମେ ମାଲକାନଗିରି ଲ୍ୟାମ୍ପସ୍ ପରିଚାଳକ ଅଭିମନ୍ୟୁ ନାୟକଙ୍କୁ ଜଣାଇଥିଲୁ। ମାତ୍ର କିଛି ସୁଫଳ ମିଳିନାହିଁ। ଲ୍ୟାମ୍ପସ୍ ପରିଚାଳକ ନାୟକଙ୍କୁ ପଚାରିବାରୁ ସେ କହିଲେ, ଜିଲାରେ ମାଥିଲି ବ୍ଲକ ବ୍ୟତୀତ ଅନ୍ୟ ସମସ୍ତ ବ୍ଲକରେ ମୁଗ, ବାଦାମ, ମାଣ୍ଡିଆ ଖରିଦ ପାଇଁ ମଣ୍ଡି ଦୁଇ ସପ୍ତାହ ପୂର୍ବରୁ କରାଯାଇଥିଲା। ମାତ୍ର ବାଦାମଚାଷୀମାନେ ମଣ୍ଡିରେ ବାଦାମ ବିକ୍ରି ନ କରି ଅଧିକ ଅର୍ଥ ଲୋଭରେ କେତେଜଣ ବ୍ୟବସାୟୀଙ୍କୁ ବିକ୍ରି କରିଥିବାରୁ ଏଭଳି ସମସ୍ୟା ଉପୁଜୁଛି। ସମ୍ପୃକ୍ତ ବ୍ୟବସାୟୀମାନେ ଚାଷୀଙ୍କୁ ଅର୍ଥ ଦେଲେ କି ନାହିଁ ସେନେଇ ଆମ ନିକଟରେ କୌଣସି ଖବର ନାହିଁ। ଅନ୍ୟପକ୍ଷରେ ଏ ନେଇ ଜଣେ ବାଦାମ ବ୍ୟବସାୟୀଙ୍କୁ ପଚାରିବାରୁ ସେ ଏକସପ୍ତାହ ମଧ୍ୟରେ ତାଙ୍କ ଉପରେ ଥିବା ବଳକା ଅର୍ଥ ଚାଷୀଙ୍କୁ ଦେଇଦେବେ ବୋଲି କହିଛନ୍ତି।

# ଯୁବତୀଙ୍କୁ ଉଲଗ୍ନ କରି ଭିଡିଓ ଉତ୍ତୋଳନ ମାମଲାରେ ୪ ଗିରଫ

ଜୟପୁର, ୧୧।୬ (ନି.ପ୍ର.)

ଯୁବତୀଯୁବକ ସେମାନଙ୍କ ୨ ବାଲ୍ୟବନ୍ଧୁଙ୍କୁ ଛୁରି ଦେଖାଇ ପାହାଡକୁ ନେଇ ଉଲଗ୍ନ କରି ଭିଡିଓ ଉତ୍ତୋଳନ କରିବା ଘଟଣାର ଶନିବାର ପର୍ଦ୍ଦାଫାସ କରିଛି ଜୟପୁର ଟାଉନଥାନା ପୋଲିସ। ଏହି ଘଟଣାରେ ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଜୁଭେଲାଇନ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଥିବା ସୂଚନା ମିଳିଛି। ଅଭିଯୁକ୍ତମାନେ ହେଲେ ଜୟପୁର କାଉଡମ୍ୱସାହିର ଦିପକ ସୌଦ (୨୦) ଗୁଲୁନା ଜାନି (୧୯) ରୋହିତ ଗରଡା (୨୦) କପିଳ ପରିଛା (୨୬)।

ସୂଚନାନୁଯାୟୀ, ଶୁକ୍ରବାର ଜୟପୁର ପାରାବେଡା ଲୋକନାଥ ମନ୍ଦିର ନିକଟରେ ୨ଜଣ ଯୁବତୀ ଯୁବକ ସେମାନଙ୍କ ୨ ବନ୍ଧୁଙ୍କ ସହ କଥା ହେଉଥିଲେ। ପ୍ରଥମେ ୨ ଜଣ ଛୁରି ଦେଖାଇ ତାଙ୍କୁ ନିକଟସ୍ଥ ପାହାଡକୁ ନେଇଥିଲେ। ପାହାଡରେ ଅନ୍ୟ ୩ଜଣ ମିଶି ଯୁବକଙ୍କୁ ମାଡମାରି ଯୁବତୀଯୁବକଙ୍କୁ ଉଲଗ୍ନ କରି ଭିଡିଓ ଉତ୍ତୋଳନ କରିଥିଲେ। ୫୦ ହଜାର ଟଙ୍କା ଦେବାକୁ ଦାବି କରଥିଲେ। ଟଙ୍କା ନ ଦେଲେ ଭିଡିଓ ଭାଇରାଲ କରି ଦେବାକୁ ଧମକଚମକ ଦେଇ ଏହି କଥା ଅନ୍ୟ କାହା ଆଗରେ କହିଲେ ଜୀବନରେ ମାରିଦେବାକୁ ଚେତାବନୀ ଦେଇଥିଲେ। ଯୁବତୀଯୁବକ ସେମାନଙ୍କୁ ବହୁ କାକୁତିମିନତି ହୋଇଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଯୁବକ ଜଣକ ଭୟଭିତ ହୋଇ ପ୍ରଥମ କିସ୍ତିରେ ୭ ହଜାର ଟଙ୍କା ଦେଇ ପରେ ୧୩ ହଜାର ଟଙ୍କା ଦେବି ବୋଲି କହି ବାକି ୩୦ ହଜାର ଟଙ୍କା ୧ମାସ ମଧ୍ୟରେ ଦେବାକୁ କହିଥିଲେ। ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହେବାରୁ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଯୁବକ ଜଣକ ୧୩ ହଜାର ଟଙ୍କା ଦେବା ସମୟରେ ପୋଲିସ ଦୁର୍ବୃତ୍ତମାନଙ୍କୁ ଧରିଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ଛୁରି ୨ଟି ମୋବାଇଲ, ୭ ହଜାର ଟଙ୍କା, ସ୍କୁଟି ଗାଡି ଜବତ ହୋଇଛି। ୪ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ନାବାଳକଙ୍କୁ ଜୁଭେଲାଇନ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଥିବା ଜୟପୁର ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଖୁଡ଼ା ଜଙ୍ଗଲରୁ ୮ କୁଇଣ୍ଟାଲ, ବସ୍‌ଷ୍ଟାଣ୍ଡରୁ ମିଳିଲା ୧୯ କେଜି ଗଞ୍ଜେଇ

କୋରାପୁଟ,୧୧।୬(ସ୍ୱ.ପ୍ର.)

କୋରାପୁଟ ଜିଲାର ପାଡୁଆ ପୋଲିସ ଶନିବାର ଥାନା ନିକଟସ୍ଥ ଖୁଡା ଜଙ୍ଗଲରେ ତଲାସି କରି ପ୍ରାୟ ୮୦ ଲକ୍ଷ ଟଙ୍କା(୮କୁଇଣ୍ଟାଲ) ଗଞ୍ଜେଇ ଜବତ କରିବାକୁ ସଫଳ ହୋଇଥିବା ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି। ଖୁଡା ଜଙ୍ଗଲରେ ବ୍ୟାପକ ପରିମାଣର ଚୋରା ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ଖବର ପାଇ ପାଡୁଆ ପୋଲିସ ଏହି ଅଞ୍ଚଳରେ ଚଢାଉ କରିଥିଲା। ତେବେ ଘଟଣା ସ୍ଥଳରୁ ସୂଚନା ପାଇ ଗଞ୍ଜେଇ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। ପୋଲିସ ଚାଲାଣ ହେବାକୁ ଥିବା ୨୭ଟି ବସ୍ତାରୁ ପ୍ରାୟ ୮ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୮୦ ଲକ୍ଷ ଟଙ୍କା ହେବ ବୋଲି ଏସଡିପିଓ ମହାପାତ୍ର କହିଛନ୍ତି।



ଜବତ ବ୍ୟାଗ।

ସେହିପରି ବସରେ ଚାଲାଣ ପାଇଁ ରଖାଯାଇଥିବା ୧୯ କେଜି ଗଞ୍ଜେଇ ଶନିବାର କୋରାପୁଟ ଟାଉନ ଥାନା ପୋଲିସ ଜବତ କରିଛି ବୋଲି ଏସଆଇ ସୁଦର୍ଶନ ଅଧିକାରୀ କହିଛନ୍ତି। ୨ଟି ବ୍ୟାଗ କୋରାପୁଟ ବସଷ୍ଟାଣ୍ଡର ଗୋଟିଏ ସ୍ଥାନରେ ବହୁ ସମୟ ଧରି ରଖାଯାଇଥିବା ନେଇ କେତେକ ଯାତ୍ରୀ ଟାଉନ ଥାନାକୁ ଜଣାଇଥିଲେ। ପରେ ଥାନା ଏସଆଇ ଅଧିକାରୀ ଓ ଅନିତା ନାୟକ ବସଷ୍ଟାଣ୍ଡରେ ପହଞ୍ଚି ଏହି ୨ଟି ବ୍ୟାଗ ତଲାସି କରିବା ବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା। ଗଞ୍ଜେଇର ପରିମାଣ ୧୯ କେଜି ଥିଲା। ଏନେଇ ଥାନାରେ ୧୬୮/୨୨ରେ ଏକ ମାମଲା ରୁଜୁ କରାଯାଇଛି।

## ଅଧ୍ୟାପକଙ୍କ ଆକାଉଣ୍ଟରୁ ୩ ଲକ୍ଷ ଟଙ୍କା ଗାଏବ

ବ୍ରହ୍ମପୁର ଅଫିସ,୧୧।୬

ଗଞ୍ଜାମ ଜିଲାରେ ସାଇବର ଠକଙ୍କ ଦୌରାତ୍ମ୍ୟ ଏବେ ବଢି ଚାଲିଛି। ଜିଲାରେ ଜଣେ ଅଧ୍ୟାପକ ସାଇବର ଠକଙ୍କ ଶିକାର ହୋଇଛନ୍ତି। ମୋବାଇଲରେ କେୱାଇସି ଅପଡେଟ କରିବା ଯୋଗୁ ତାଙ୍କ ଆକାଉଣ୍ଟରୁ ୩ ଲକ୍ଷ ଟଙ୍କା ଗାଏବ ହୋଇଯାଇଛି। ଏ ନେଇ ସେ ବ୍ରହ୍ମପୁର ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନାପ୍ରକାରେ, ଆସିକା କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟରତ ଡ. କେଶବଚନ୍ଦ୍ର ଷଡଙ୍ଗୀଙ୍କ ମୋବାଇଲକୁ କେୱାଇସି ଅପଡେଟ କରିବାକୁ ଏକ ଲିଙ୍କ ଆସିଥିଲା। ଅଧ୍ୟାପକ ଜଣଙ୍କ ସେହି ଲିଙ୍କରେ କ୍ଲିକ କରିବା ସହ ମୋବାଇଲକୁ ଆସିଥିବା ଓଟିପି ମଧ୍ୟ ଦେଇଥିଲେ। ଏହା ପରେ ତାଙ୍କ ଆକାଉଣ୍ଟରୁ ୩ ଲକ୍ଷ ଟଙ୍କା କଟି ଯାଇଥିଲା। ସାଇବର ଠକଙ୍କ ଶିକାର ହୋଇଥିବା ଜାଣିବା ପରେ ଅଧ୍ୟାପକ ଥାନାରେ ଅଭିଯୋଗ କରିଥିବା ସୂଚନା ମିଳିଛି।

# ରାସ୍ତାରେ ପିଚୁ ବଦଳରେ ଦେଖାଯାଉଛି ମାଟି



ପିଚୁରାସ୍ତାରେ ପିଚୁ ନାହିଁ।

ମାଲକାନଗିରି,୧୧।୬(ଡି.ଏନ୍.ଏ.)

ମାଲକାନଗିରି ଜିଲାର ଲାକଗିଗୁଡ଼ାଠାରୁ ଗଡ଼ିଆଳି ଗ୍ରାମ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ୩.୫ କି.ମି. ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ନିମ୍ନମାନର କାମ ହୋଇଥିବା ରାସ୍ତାରେ ପିଚୁ ବଦଳରେ ମାଟି ଦେଖାଯାଉଛି। ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଜନ-୧ ପକ୍ଷରୁ ଲାକଗିଗୁଡ଼ାଠାରୁ ଗଡ଼ିଆଳି ଗ୍ରାମ ପର୍ଯ୍ୟନ୍ତ ୩.୫ କି.ମି. ରାସ୍ତା ନିର୍ମାଣ କରାଯାଇଥିଲା। ଗତ ୧୩।୪।୨୦୧୮ରେ ରାସ୍ତା କାମ ଆରମ୍ଭ ହୋଇ୧୨।୧।୧୯ରେ ଶେଷ ହୋଇଥିଲା। ବର୍ତ୍ତମାନ ନାମକୁ ମାତ୍ର ରାସ୍ତା ରହିଥିବା ବେଳେ ରାସ୍ତାର ପିଚୁ ଗାଏବ ହୋଇ ମାଟି ଦେଖାଯାଉଛି। ରାସ୍ତା ବାବଦରେ ପ୍ରାୟ ୧କୋଟି ୨୨ଲକ୍ଷ ଖର୍ଚ୍ଚ ହୋଇଥିଲା। ଏହା ଏବେ ପାଣିରେ ପଡ଼ିଛି। ରାସ୍ତା ଅତି ଖରାପ ହୋଇଯାଇଥିବାରୁ ଯାତାୟାତ ବେଳେ ଲୋକେ ସମସ୍ୟା ଭୋଗୁଛନ୍ତି। ଜାତୀୟ ରାଜପଥକୁ ଲାଗିଥିବା ଏହି ରାସ୍ତା କିଭଳି ପ୍ରଶାସନିକ ଅଧିକାରୀ ଅବା ସ୍ଥାନୀୟ ବିଧାୟକଙ୍କ ନଜରରେ ପଡୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତା ଦାୟିତ୍ୱରେ ଥିବା ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏନେଇ ନିର୍ବାହୀ ଯନ୍ତ୍ରୀ ସୁଜିତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ମୁଁ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଛି। ତେବେ ଶୀଘ୍ର ଏହାର ତଦାରଖ କରି ମାସେ ଭିତରେ ମରାମତି ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ପ୍ରଶାସନର ଅବହେଳାରୁ ହଇରାଣ ହେଉଛନ୍ତି ଲୋକେ



ଖୋଳାଯାଇଥିବା ରାସ୍ତା।

ସୁନାବେଡ଼ା/ସେମିଳିଗୁଡ଼ା, ୧୧।୬(ସ୍ୱ.ପ୍ର.)

ସୁନାବେଡ଼। ପୌର ପରିଷଦ ଅଧୀନରେ ଥିବା ଜନସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ଅବହେଳା ଯୋଗୁ ଲୋକେ ହଇରାଣ ହେଉଛନ୍ତି। ପୌରାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ପାନୀୟ ଜଳ ଯୋଗାଇବାକୁ ବିଭାଗ ପକ୍ଷରୁ ବିଭିନ୍ନ ସାହିବସ୍ତିକୁ ପାଇପ ଲାଇନ ବିଛାଯାଉଛି। ଏହି କାମ କରୁଥିବା ଠିକା ସଂସ୍ଥା ପାଇପ ବିଛାଇବାକୁ ରାସ୍ତାଘାଟ ଖୋଳି ଦେଉଛନ୍ତି। ପରେ ପାଇପ ବିଛାଇ ସାରି ସେଗୁଡିକ ପୋତୁ ନ ଥିବା ଅଭିଯୋଗ ହେଉଛି। ଫଳରେ ବିଭିନ୍ନ ସମୟରେ ସେହି ସ୍ଥାନରେ ଲୋକେ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ମୁଖ୍ୟ ରାସ୍ତାଗୁଡ଼ିକୁ ଠିକାସଂସ୍ଥା ଖୋଳିଦେବା ପରେ ସେଗୁଡ଼ିକୁ କଂକ୍ରିଟ କିମ୍ବା ପିଚୁ ନ କରି କେବଳ ମାଟି ଭର୍ତ୍ତି କରି ଚାଲିଯାଉଛନ୍ତି। ଫଳରେ ସେହି ସ୍ଥାନ କିଛିଦିନ ମଧ୍ୟରେ ବିରାଟ ଖାଲରେ ପରିଣତ ହେଉଛି। ଏନେଇ ଲୋକେ ହଇରାଣ ହେଉଛନ୍ତି। ସେହି ବାଟ ଦେଇ ବହୁ ପ୍ରଶାସନିକ ତଥା ପୌର ଅଧିକାରୀ ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି ସେମାନଙ୍କ ନଜର ପଡୁନାହିଁ। ଆଗକୁ ବର୍ଷାଦିନ ଆସୁଥିବା ବେଳେ ଏହି ସମସ୍ୟାର ସମାଧାନ ନ ହେଲେ ଲୋକଙ୍କ ସମସ୍ୟା ଆହୁରି ବଢ଼ିଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଲୋକେ ଆଗକୁ ଆହୁରି ସମସ୍ୟାର ସମ୍ମୁଖୀନ ହେବେ। ଏନେଇ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ତାପସୀ ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ଚିକିତ୍ସା ପାଇଁ ରେଳରେ ଯାଉଥିବା ରୋଗୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୧।୬:

ପଶ୍ଚିମବଙ୍ଗ ବାଙ୍କୁରା ଜିଲା ବିଶିପୁର ଥାନା ଅନ୍ତର୍ଗତ ଲାୟକବନ୍ଧ ଗ୍ରାମର ଜଣେ ବ୍ୟକ୍ତି ଚିକିତ୍ସା ପାଇଁ ରେଳ ଯୋଗେ ଭେଲୋର ଯାଉଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ଏମ୍‌କେସିଜି ମେଡିକାଲ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକଙ୍କ ନାମ ହୀରାଲାଲ ବୁନିଆ (୪୧)। ବ୍ରହ୍ମପୁର ବଡ଼ ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୩୨୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ହୀରାଲାଲଙ୍କୁ ନେଇ ଚିକିତ୍ସା ପାଇଁ ତାଙ୍କ ସ୍ତ୍ରୀ ଜୟନ୍ତୀ ବୁନିଆ ଟ୍ରେନରେ ଭେଲୋର ଯାତ୍ରା କରୁଥିଲେ। ରାସ୍ତାରେ ସେ ଗୁରୁତର ହୋଇ ପଡ଼ିଥିଲେ। ଏଣୁ ବ୍ରହ୍ମପୁର ରେଳଷ୍ଟେଶନରେ ଉଭୟେ ଓହ୍ଲାଇଥିଲେ। ଗୁରୁତର ହୀରାଲାଲଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୨୦ ଆବାସିକ ଛାତ୍ରାବାସକୁ ଆଇଏସ୍‌ଓ ପ୍ରମାଣପତ୍ର

କୋରାପୁଟ,୧୧।୬(ସ୍ୱ.ପ୍ର.)




କୋରାପୁଟ ଜିଲାର ୨୦ଟି ଆବାସିକ ବିଦ୍ୟାଳୟ ଛାତ୍ରାବାସକୁ ଆଇଏସ୍‌ଓ ପ୍ରମାଣପତ୍ର ମିଳିଥିବା ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି କହିଛନ୍ତି। ୧ ବର୍ଷ ଧରି ଛାତ୍ରାବାସର ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥାକୁ ବିଚାରକରି ଏହି ପ୍ରମାଣପତ୍ର ମିଳିଥିବା ଜଣାପଡ଼ିଛି। ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ଜିଲାରେ ଚାଲିଥିବା ୫୯୯ ଆବାସିକ ବିଦ୍ୟାଳୟ ମଧ୍ୟରୁ ଗୁଣବତ୍ତାକୁ ବିଚାରକରି କୋରାପୁଟ ବ୍ଲକର ମଣ୍ଡାଗୁଡ଼ା ଆବାସିକ ବିଦ୍ୟାଳୟ ଛାତ୍ରାବାସ ସମେତ ଜିଲାର ୨୦ଟି ଛାତ୍ରାବାସକୁ ଏହି ସମ୍ମାନଜନକ ଆଇଏସ୍‌ଓ ପ୍ରମାଣପତ୍ର ମିଳିଛି। ଛାତ୍ରାବାସଗୁଡ଼ିକରେ ପିଲାଙ୍କ ରହିବା, ଖାଇବା, ପଢ଼ିବା ପାଇଁ ଉତ୍ତମ ପରିବେଶ, ଶୟନ କକ୍ଷ, କ୍ରୀଡ଼ା, ବିଦ୍ୟୁତ୍, ପାନୀୟ ଜଳ ଆଦି ବ୍ୟବସ୍ଥାର ବିଚାରକରି ଏହି ପ୍ରମାଣପତ୍ର ମିଳିଛି। ଆଗାମୀ ଦିନରେ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ୍, ଇ-ଲାଇବ୍ରେରି, କମ୍ପ୍ୟୁଟରଯୁକ୍ତ ଶ୍ରେଣୀଗୃହ ଖୋଲି ଶୈକ୍ଷିକ ପରିବେଶରେ ଉନ୍ନତି ଆଣିବା ଲାଗି ସାଧାରଣରେ ମତ ପ୍ରକାଶ ପାଇଛି।

# ଅନାଥ ଶିଶୁଙ୍କ ଶାରୀରିକ, ମାନସିକ ସୁସ୍ଥତା ନେଇ ତାଲିମ

ମାଲକାନଗିରି, ୧୧।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାର ପରିବର୍ତ୍ତନ ଶିଶୁଗୃହରେ ଗୁରୁବାର ୬୦ ଜଣ ଅନାଥ ଓ ସିଙ୍ଗଲ ପ୍ୟାରେଣ୍ଟ ଶିଶୁଙ୍କୁ ନେଇ ସେମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ଏକ ୨ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି। ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଲୋକପାଳ ସୁନାକର ପାଲ, ଶିଶୁ ମଙ୍ଗଳ କମିଟିର ସଦସ୍ୟା ଚୁମୁକି ବେହେରା, ଶିଶୁ ସୁରକ୍ଷା କମିଟି କର୍ମଚାରୀ ସୁଦେଷ୍ଣା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିଶୁଙ୍କ ମଧ୍ୟରୁ ଅନେକେ ନିଜର ମାତାପିତାଙ୍କୁ ହରାଇଥିବା ବେଳେ ଆଉ କେହି କେହି ପିତା କିମ୍ବା ମାତାଙ୍କୁ ହରାଇ ଅନାଥ ହୋଇଯାଇଛନ୍ତି। ଜିଲା ପ୍ରଶାସନ ସେମାନଙ୍କୁ ଉଦ୍ଧାରକରି ଶିଶୁଗୃହରେ ରଖି ସେମାନଙ୍କ ଖାଦ୍ୟଠାରୁ ଆରମ୍ଭ କରି ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ନେଇଛି। ଏହି ଶିଶୁମାନେ କିପରି ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହି ସେମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରିବେ ସେନେଇ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ସେମାନଙ୍କ ଖାଦ୍ୟପେୟ ସହ ପରିଷ୍କାର ପରିଚ୍ଛନ୍ନତା, ବ୍ୟାୟାମ, ଶିକ୍ଷା ପ୍ରତି ଧ୍ୟାନଦେବାକୁ ଶିବିରରେ ମତ ପ୍ରକାଶ ପାଇଥିଲା। ନବରଙ୍ଗପୁରରୁ ଆସିଥିବା ୟୁନିସେଫ୍‌ର ତାଲିମଦାତା ପ୍ରଭାସିନୀ ପଟ୍ଟନାୟକ ତାଲିମ ଦେବେ। ଏଥିରେ ମାଲକାନଗିରି ଶିଶୁଗୃହର ୩୦ ଜଣ, ଖଇରପୁଟ ବିଏଲ୍‌କେ ମୁଣ୍ଡିଗୁଡ଼ାର ଜୟା ଶିଶୁଗୃହର ୧୫ ଜଣ, ବାଲିମେଳା ବିଜ୍ଞାପିତ ଅଞ୍ଚଳରେ ଥିବା ନୀଳାଞ୍ଚଳ ଶିଶୁଗୃହର ୨୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ମାଲକାନଗିରି ଶିଶୁଗୃହର ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ ପରିଚାଳନା କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଶିଶୁ।

# ୧୦୦ ଛାତ୍ରୀଛାତ୍ରଙ୍କ ପାଇଁ ଅଛନ୍ତି ଜଣେ ଶିକ୍ଷକ

**ମଙ୍ଗଳ ବିଭାଗ ପରିଚାଳିତ ବିଦ୍ୟାଳୟରେ ଅବ୍ୟବସ୍ଥା**
■ ଫେଲ୍ ମାରିଛି ସରକାରୀ ନିୟମ
■ ବିଦ୍ୟାଳୟଗୁଡ଼ିକରେ ବାଧାପ୍ରାପ୍ତ ହେଉଛି ଶିକ୍ଷାଦାନ
■ ଶିକ୍ଷକ ଅଭାବ ନେଇ ଅବଗତ ଅଛି : ଜିଲା ମଙ୍ଗଳ ଅଧିକାରୀ

କୁନ୍ଦୁରା,୧୧।୬ (ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଅନୁସୂଚିତ ଜନଜାତି ଓ ଜାତି ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟଗୁଡ଼ିକ ପ୍ରତିଷ୍ଠା ହେବାର ୩୦ବର୍ଷ ପରେ ମଧ୍ୟ ଶିକ୍ଷକ ଅଭାବ ଦୂର ହୋଇପାରିନାହିଁ। କୁନ୍ଦୁରା ବ୍ଲକ ଅଧୀନରେ ୩ଟି ଉଚ୍ଚ ବିଦ୍ୟାଳୟ ଏବଂ ୫ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ଏହା ଜିଲା ମଙ୍ଗଳ ବିଭାଗ ଅଧୀନରେ ଥିବା ବେଳେ ଜିଲା ମଙ୍ଗଳ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ବିଦ୍ୟାଳୟଗୁଡିକରେ ଅନ୍ତେବାସୀଙ୍କ ତୁଳନାରେ ଶିକ୍ଷକ କମ୍ ରହିଛନ୍ତି। ବ୍ଲକରେ କାଉଡ଼ିଆଗୁଡ଼ା ଉଚ୍ଚ ବିଦ୍ୟାଳୟ, ଲିମା ଉଚ୍ଚ ବିଦ୍ୟାଳୟ, ଦିଗାପୁର ଉଚ୍ଚ ବିଦ୍ୟାଳୟ ରହିଛି। ଜୁବାପାତ୍ରପୁଟ, ପ୍ରଧାନିପୁଟ, ଘୁମର, ମସିଗାଁ ଏବଂ ବାଣୁଆଗୁଡ଼ାଠାରେ ପ୍ରାଥମିକ ବିଦ୍ୟାଳୟ ରହିଛି। କାଉଡ଼ିଆଗୁଡ଼ା ପ୍ରଧାନ ଶିକ୍ଷକ ଲାଲବାହାଦୁର ମଲ୍ଲିକଙ୍କ ସୂଚନା ଅନୁସାରେ ତାଙ୍କ ବିଦ୍ୟାଳୟରେ ୪୨୯ ଜଣ ଛାତ୍ରୀଛାତ୍ର ଥିବା ବେଳେ ୬ ଜଣ ଶିକ୍ଷକ ରହିଛନ୍ତି। ସେହିପରି ଲିମା ଉଚ୍ଚ ବିଦ୍ୟାଳୟରେ ୨୯୮ ଜଣ ଛାତ୍ରୀଛାତ୍ରଙ୍କୁ ୫ ଜଣ ଶିକ୍ଷକ,ଦିଗାପୁର ଉଚ୍ଚ ବିଦ୍ୟାଳୟରେ ୩୫୦ ଛାତ୍ରୀଛାତ୍ରଙ୍କୁ ୫ ଜଣ ଶିକ୍ଷକ ରହିଛନ୍ତି। ଜୁବାପାତ୍ରପୁଟ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ୧୨୯ ଜଣ ଛାତ୍ରୀଛାତ୍ରଙ୍କୁ ୨ ଜଣ ଶିକ୍ଷକ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବାଣୁଆଗୁଡ଼ାଠାରେ ୪୨୬ ଜଣ ଛାତ୍ରୀଛାତ୍ରଙ୍କୁ ୨ ଜଣ ଶିକ୍ଷକ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ମସିଗାଁ ବିଦ୍ୟାଳୟରେ ୩୭୯ ଛାତ୍ରୀଛାତ୍ରଙ୍କୁ ୩ ଜଣ ଶିକ୍ଷକ ରହିଛନ୍ତି। ସେହିଭଳି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ଘୁମର ବିଦ୍ୟାଳୟଠାରେ ୩୨୭ ଜଣ ଛାତ୍ରୀଛାତ୍ରଙ୍କୁ ୨ ଜଣ ଶିକ୍ଷକ ଏବଂ ୧୯୭ ଜଣ ଛାତ୍ରୀଛାତ୍ର ଥିବା ପ୍ରଧାନିପୁଟ ବିଦ୍ୟାଳୟରେ ୩ ଜଣ ଶିକ୍ଷକ ରହିଛନ୍ତି। ବ୍ଲକର ଗୋଟିଏ ବିଦ୍ୟାଳୟରେ ଶତାଧିକ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ଦୁଇ ଜଣ ଶିକ୍ଷକ ରହିଛନ୍ତି। ସରକାରୀ ନିୟମାନୁଯାୟୀ ପ୍ରତି ୩୦ ଜଣ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ ରହିବା ବଦଳରେ ଏଠାରେ ପ୍ରତି ୧୦୦ ଜଣ ଛାତ୍ରୀଛାତ୍ରଙ୍କୁ ଜଣେ ଲେଖାଏ ଶିକ୍ଷକ ରହିଛନ୍ତି। ଶିକ୍ଷକ ଅଭାବରୁ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଏନେଇ ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡିଙ୍କୁ ପଚାରିବାରୁ କହିଛନ୍ତି, ଶିକ୍ଷକ ଅଭାବ ନେଇ ସେ ଅବଗତ ଅଛନ୍ତି। ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯିବ।

# ପାନୀୟ ଜଳ ପାଇଁ ହନ୍ତସନ୍ତ ୩ ହଜାର ଲୋକ

ନବରଙ୍ଗପୁର,୧୧।୬(ବି.ପ୍ର.)

ଏବେ ଜ୍ୟେଷ୍ଠ ମାସରେ ଗୁଳୁଗୁଳି, ଗରମ ଓ ଖରା ଅସହ୍ୟ କରୁଛି। ବୋଝ ଉପରେ ନଳିତା ବିଡ଼ା ଭଳି ପାଣି ସମସ୍ୟା ଲୋକମାନଙ୍କୁ ଅତିଷ୍ଠ କରୁଛି। ମଣିଷ, ପଶୁପକ୍ଷୀ ଓ ଗୃହପାଳିତ ପ୍ରାଣୀ ଟୋପାଏ ପାଣି ପାଇଁ ଡହଳବିକଳ ହେଉଛନ୍ତି। ୩ହଜାର ଜନସଂଖ୍ୟା ବିଶିଷ୍ଟ ଗାଁରେ ୪ଟି ନଳକୂପ ରହିଛି। ସେଥିମଧ୍ୟରୁ କେତେକରେ ଗୋଳିଆପାଣି ଆସୁଥିବାରୁ ତାହା ମଧ୍ୟ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ମଦେଗାଁ ପଞ୍ଚାୟତ ଅଧୀନ ସର୍ଗିଗୁଡ଼ା ଗାଁରେ।

ସର୍ଗିଗୁଡ଼ା ଗାଁରେ ୩୦୦୦ ଲୋକ ରୁହନ୍ତି। ସେଠାରେ କିନ୍ତୁ ପାଇପ ଯୋଗେ ପାନୀୟ ଜଳ ବ୍ୟବସ୍ଥା ଏ ଯାଏ ହୋଇନାହିଁ। ଗୃହପାଳିତ ପଶୁ ଓ ଜନସାଧାରଣଙ୍କ ପାଇଁ ପାଣି ସମସ୍ୟା ଉତ୍କଟ ହୋଇଛି। ସରକାର ପ୍ରତ୍ୟେକ ଘରକୁ ପାଇପପାଣି ବ୍ୟବସ୍ଥା ପାଇଁ ଯୋଜନା କରୁଥିଲେ ମଧ୍ୟ ଧିମା ଗତିରେ ପାଇପ ବିଛା କାମ ଚାଲିଥିବାରୁ ଲୋକେ ଖରାଦିନେ ପାଣି ପାଇପାରୁନାହାନ୍ତି। ସର୍ଗିଗୁଡ଼ା ଗାଁରେ ୭ଟି ନଳକୂପ ରହିଛି।


ଅଭିଯୋଗ ଜଣାଉଥିବା ଗ୍ରାମବାସୀ।

ସେଥିମଧ୍ୟରୁ ୩ଟି ଅଚଳ ଅବସ୍ଥାରେ ଅଛି। ଅନ୍ୟ ୪ ନଳକୂପରୁ ୨ଟିରେ ମାଟିପାଣି ବାହାରୁଛି, ଯାହାକି ପାନୀୟ ଉପଯୋଗୀ ନୁହେଁ। ୩ହଜାର ଲୋକ ଓ ଗୃହପାଳିତ ପଶୁଙ୍କ ପାଇଁ ଅନ୍ୟ ୨ଟି ନଳକୂପରୁ ବାହାରୁଥିବା ପାଣି ଯଥେଷ୍ଟ ହେଉନାହିଁ। ଗାଁର ୧ କିଲୋମିଟର ଅଞ୍ଚଳ ମଧ୍ୟରେ ମାତ୍ର ଗୋଟିଏ ପୋଖରୀ ରହିଛି। ଏହା ଆଶ୍ୱିନ ମାସ (ଅକ୍ଟୋବର)ରୁ ଶୁଖିଯାଉଛି।

■ ୭ ନଳକୂପରୁ ୩ ଅଚଳ
■ ୨ରୁ ବାହାରୁଛି ଗୋଳିଆପାଣି
■ ଏଯାଏ ହୋଇପାରୁନି ପାଇପ ପାଣି ବ୍ୟବସ୍ଥା

ଖରାଦିନ ବେଳକୁ ପୋଖରୀରେ ପାଣି ଟୋପାଏ ରହୁନାହିଁ। ମୃତଦେହ ସତ୍କାର ପାଇଁ ଶ୍ମଶାନକୁ ଯାଉଥିବା ମୃତକଙ୍କ ସମ୍ପର୍କୀୟ ୪କି.ମି. ଦୂରରେ ଥିବା ଏକ ଜଳାଶୟରୁ ପାଣି ଆଣି କର୍ମ କରୁଛନ୍ତି। ଗାଁରେ ମଣିଷ ଓ ଗୃହପାଳିତ ପଶୁଙ୍କ ପାଇଁ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଗାଁର ଧନୁର୍ଯ୍ୟୟ ବିଷୋୟୀ, ଜଗବନ୍ଧୁ ମାଳି, ମଙ୍ଗଳ ଦାନ ଆନନ୍ଦ, ଗଦାଧର ପୂଜାରୀ, ସୁଦର ମାଝି, ଡମ୍ବୁ ଭତ୍ରା ଓ ଏରବେ ନାଶ ଆଶ୍ରିତ କହିଛନ୍ତି ।

## ସଂକ୍ଷେପରେ

### ବଦଳିଲେ ଉମରକୋଟ ଥାନାଧିକାରୀ

ଉମରକୋଟ, ୧୧।୬(ସ୍ୱ.ପ୍ର.)- ଉମରକୋଟ ଥାନାଧିକାରୀ ନରେଶ କୁମାର ପ୍ରଧାନଙ୍କ ବଦଳି ହୋଇଯାଇଛି। ସେ ନବରଙ୍ଗପୁର ଥାନାଧିକାରୀଭାବେ ଯୋଗଦେବେ। ତାଙ୍କ ସ୍ଥାନରେ ନବରଙ୍ଗପୁର ପୋଲିସ ମୁଖ୍ୟାଳୟରୁ ଇନ୍ସପେକ୍ଟର ଦୀପକ କୁମାର ଜେନା ଉମରକୋଟ ଥାନାର ନୂତନ ଆଇଆଇସି ଭାବେ ଯୋଗଦେଇଛନ୍ତି। ନରେଶ ପ୍ରଧାନ ଉମରକୋଟ ଥାନାଧିକାରୀଭାବେ ଜୁନ୍ ୨୦୨୦ରେ ଯୋଗଦେଇଥିଲେ। ସେହିପରି ଉମରକୋଟ ଥାନାର ଅତିରିକ୍ତ ଆଇଆଇସି ଲିମାରାଜ ପ୍ରଧାନଙ୍କର ମଧ ବଦଳି ହୋଇଯାଇଛି। ତାଙ୍କୁ ଖାତିଗୁଡ଼ା ଥାନାଧିକାରୀଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ନବରଙ୍ଗପୁର ପୋଲିସ ମୁଖ୍ୟାଳୟରୁ ଇନ୍ସପେକ୍ଟର ଦୀପକ ଲେଙ୍କାଙ୍କୁ ଉମରକୋଟ ଥାନାର ଅତିରିକ୍ତ ଆଇଆଇସି ଭାବେ ନିଯୁକ୍ତି ମିଳିଛି।

### ୧୭୮ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର



କୋଷାଗୁମୁଡ଼ା, ୧୧।୬(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କାନାଗୁଡା, କୋଷାଗୁମୁଡ଼ା ଆର୍. ଡି ରାସ୍ତାରେ ପାଟ୍ରୋଲିଂ ସମୟରେ ୧୭୮.୩୪୦ କି. ଗ୍ରା ଗଞ୍ଜେଇ ଜବତ କରିଛି ପୋଲିସ। ଏଥିସହ ଗୋଟିଏ କାର ମିଳିଛି। ଘଟଣାସ୍ଥଳରୁ କିନ୍ତୁ ଅଭିଯୁକ୍ତ ଫେରାର ହୋଇଯାଇଥିବା ସୂଚନା ମିଳିଛି।ପ୍ରକାଶ ଯେ, କୋଷାଗୁମୁଡ଼ା ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଚାଲାଣ ନେଇ ପୋଲିସ ଖବର ପାଇଥିଲା। ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବାରୁଦାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇଏସ୍ ବି.ମଙ୍ଗରାଜ ବଡଆମ୍ବଡା ରାସ୍ତାରେ ଗାଡି ମୋଟର ଯାଞ୍ଚ କରିଥିଲେ। କାନାଗୁଡାରେ ପୋଲିସ ଗାଡିକୁ ଦେଖି ଦୁର୍ବୃତ୍ତମାନେ କାର ଛାଡି ଛାଡି ଫେରାର୍ ହୋଇଯାଇଥିଲେ। କୋଷାଗୁମୁଡ଼ା ବିଡିଓ ଅକ୍ଷମିତା କାର୍ତ୍ତିକଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇଥିଲା। ଏନେଇ ଥାନାରେ କେସ୍ ନଂ ୭୧/୨୨ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।

### ନିଳାଗୁଡାରେ ଅବକାରୀ ଚଢ଼ାଉ

ଜୟପୁର, ୧୧।୬ (ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ନିକଟସ୍ଥ ଜଙ୍ଗଲ ରେ ଅବକାରୀ ଚଢାଉ କରି ମଦ ଭାଟି ଭାଙ୍ଗିବା ସହ ୪ ହଜାର ୬ ଶହ ଲିଟର ପୋଚ ଓ ୨୫୦ ଲିଟର ଦେଶୀ ମଦ ଜବତ କରିଛି । ଚଢାଉ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ଘଟଣା ସ୍ଥଳରୁ ମଦରନ୍ଧା ସରଞ୍ଜାମ, ପ୍ଲାଷ୍ଟିକ ଡ୍ରମ ଜବତ ହୋଇଥିବା ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍‌ଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି କହିଛନ୍ତି।

# ପାଣି ପାଇଁ ଯିବାକୁ ପଡୁଛି ୧ କି.ମି.

ଡାବୁଗାଁ, ୧୧।୬ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଘୋଡ଼ାଖୁଣ୍ଟା ପଞ୍ଚାୟତର ମୁଣ୍ଡିଗୁଡ଼ା ଉପରସାହିରେ ପାନୀୟ ଜଳ କଷ୍ଟର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି। ପାଣି ଟୋପାଏ ପାଇଁ ମହିଳାମାନେ ଘଣ୍ଟା ଘଣ୍ଟା ଖରାରେ ଜଗି ରହୁଛନ୍ତି। ଟାଣ ଖରାରେ ଛିଡ଼ା ହୋଇଥିବାବେଳେ ଯଦି କାହାର ଜୀବନ ଚାଲିଯାଏ ଏଥିପାଇଁ କିଏ ଦାୟୀ ରହିବ, ପାନୀୟ ଜଳର ବ୍ୟବସ୍ଥା କେବେ ହେବ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

ଏହି ସାହିରେ ୫୦ ପରିବାରରେ ପ୍ରାୟ ୩୦୦ ଲୋକେ ବସବାସ କରନ୍ତି। ସେମାନଙ୍କ ପାଇଁ ଗାଁ ମଧ୍ୟରେ ରହିଛି ଗୋଟିଏ ନଳକୂପ। ଉକ୍ତ ନଳକୂପରୁ ମଧ ଧୀରେ ଧୀରେ ପାଣି ବାହାରୁଛି। ଫଳରେ ଲୋକେ ପାଣି ଟୋପାଏ ପାଇଁ ବହୁ ହନ୍ତସନ୍ତ ହେଉଛନ୍ତି। ସେହିଭଳି ଗ୍ରାମର ଗୋଟିଏ ମୁଣ୍ଡରୁ ପ୍ରାୟ ୫୦୦ ମିଟର ଓ ଅନ୍ୟ ମୁଣ୍ଡରୁ ୧ କି.ମି. ଗଲେ ଆଉ ୨ଟି ନଳକୂପ ରହିଛି। ଖରାରେ ଏତେଦୂରରୁ ପାଣି ବୋହି ଆଣି ଚଳିବା କଷ୍ଟକର ହେଉଛି ବୋଲି ଗ୍ରାମବାସୀ କହିଛନ୍ତି। ଜଳ

■ ଗାଁର ୩ ଶହ ଲୋକଙ୍କୁ ଗୋଟିଏ ନଳକୂପ
■ ନଳକୂପରୁ ବାହାରୁନି ଯଥେଷ୍ଟ ପାଣି


ପାଣି ପାଇଁ ଅପେକ୍ଷା କରିଥିବା ମହିଳାମାନେ।

ପରିମଳ ବିଭାଗ ପ୍ରତି ଗ୍ରାମରେ ଗ୍ରୀଷ୍ମଦିନ ପୂର୍ବରୁ ଯଦି ସର୍ଭେ କରି ଲୋକଙ୍କ ସମସ୍ୟା ଅନୁଯାୟୀ ପାଣି ଯୋଗାନ୍ତେ ତେବେ ଏପରି ସମସ୍ୟା ଉପୁଜି ନ ଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ଏମ୍‌ପି, ବିଧାୟକଙ୍କୁ ଜଣାଇଥିଲେ ମଧ ସୁଫଳ ମିଳୁ ନ ଥିବା ଗ୍ରାମର ଈଶ୍ୱର ମାଝି, କୃଷ୍ଣ ମାଝି, ଜଗନ୍ନଥ ଭତ୍ରା, ଘାସିଆ ଗଉଡ଼, କମଳସାଇ ଗୌଡ଼, ଅନୀଲ ମାଝି, ଘାସିରାମ ମାଝି, ଧନପତି ଓଡ଼, ସନୁ ଓଡ଼, କହ୍ନେଇ ଓଡ଼, ଡାଳିମ୍ବ ମାଝି, ସନାଇ ଭତ୍ରା, ଲଳିତା ମାଝି, ଚମ୍ପା ଭତ୍ରା, ସନାଦି ଭତ୍ରା ପ୍ରମୁଖ ଦୁଃଖ ଓ କ୍ଷୋଭର ସହ କହିଛନ୍ତି। ବ୍ଲକ ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟିଦେଇ ସମସ୍ୟା ସମାଧାନ କଲେ ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ଇନ୍ସପେକ୍ଟର, ଏସ୍‌ଆଇସ୍ତରରେ ବଦଳି

ନବରଙ୍ଗପୁର,୧୧।୬(ବି.ପ୍ର.)

ଜିଲାରେ ଇନ୍ସପେକ୍ଟର ଓ ଏସ୍‌ଆଇ ସ୍ତରରେ ବଦଳି କରାଯାଇଛି। ଏସ୍‌ପି ଏସ୍.ସୁଶ୍ରୀ ବଦଳି ତାଲିକା ପ୍ରକାଶ କରିଛନ୍ତି। ନବରଙ୍ଗପୁର ଥାନାଧିକାରୀ ତାରିକ ଆହମ୍ମଦଙ୍କୁ ନବରଙ୍ଗପୁର ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ସେହିଭଳି ଉମରକୋଟ ଥାନାଧିକାରୀ ନରେଶ ପ୍ରଧାନଙ୍କୁ ନବରଙ୍ଗପୁର ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ରାଇଘର ଥାନାଧିକାରୀ ଟଙ୍କଗିରି ଭୋଇଙ୍କୁ ତେନ୍ତୁଳିଖୁଣ୍ଟି, ଉମରକୋଟର ଅତିରିକ୍ତ ଥାନା ଅଧିକାରୀ ଲିମରାଜ ପ୍ରଧାନଙ୍କୁ ଖାତିଗୁଡା, ଚାନ୍ଦାହାଣ୍ଡି ଥାନାଧିକାରୀ ପରମାନନ୍ଦ ସୁନାନୀଙ୍କୁ କୋଷାଗୁମୁଡା, ଖାତିଗୁଡା ଥାନାଧିକାରୀ ପ୍ରମୋଦ କୁମାର ନାୟକଙ୍କୁ ଡ଼ାବୁଗାଁ ବଦଳି ହୋଇଛନ୍ତି। ଦୀପକ କୁମାର ଜେନାଙ୍କୁ ପୋଲିସ ମୁଖ୍ୟାଳୟରୁ ଉମରକୋଟ ଥାନା ଅଧିକାରୀ, କୋଷାଗୁମୁଡା ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦାଙ୍କୁ ଝରିଗାଁ, ତେନ୍ତୁଳିଖୁଣ୍ଟି ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କୁ ଚାନ୍ଦାହାଣ୍ଡି, ଝରିଗାଁ ଥାନାଧିକାରୀ ନଟବର ନନ୍ଦଙ୍କୁ ରାଇଘର, ଦୀପକ ଲେଙ୍କାଙ୍କୁ ଜିଲା ପୋଲିସ ମୁଖ୍ୟାଳୟରୁ ଉମରକୋଟ ଅତିରିକ୍ତ ଥାନା ଅଧିକାରୀଭାବେ ଅବସ୍ଥାପିତ କରାଯାଇଛି। ଏସ୍‌ଆଇରୁ ଇନ୍ସପେକ୍ଟର ପଦୋନ୍ନତି ପାଇଥିବା ଏସ.ଏସ ଲୁଗୁନଙ୍କୁ ନବରଙ୍ଗପୁର ଥାନାରୁ ଜିଲା ପୋଲିସ ମୁଖ୍ୟାଳୟ, ତେନ୍ତୁଳିଖୁଣ୍ଟି ଅତିରିକ୍ତ ଥାନା ଅଧିକାରୀ ଏସ.ଏସ.ହରଙ୍କୁ ନବରଙ୍ଗପୁର ଏଚ.ଆର.ପି.ସି, କୋଡ଼ିଙ୍ଗା ଥାନାର ଏସ୍‌ଆଇ ଦୁର୍ଗା ମାଧବ ବାଘଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି।

# ପ୍ରଥମ ଥର ପାଇଁ ଗଜାନନ ବେଶରେ ସଜ୍ଜିତ ହେବେ ଶ୍ରୀଜିଉ

କୋଷାଗୁମୁଡ଼ା, ୧୧।୬(ଡି.ଏନ୍.ଏ.)

**ରଥଯାତ୍ରା ପ୍ରସ୍ତୁତି ବୈଠକ**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଜଗନ୍ନାଥ ମନ୍ଦିର ପରିସରରେ କମିଟି ଅଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶ୍ରୀଜିଉଙ୍କ ସ୍ନାନଯାତ୍ରା ଓ ରଥ ପରିକ୍ରମା ବିଷୟରେ ଆଲୋଚନା କରାଯାଇଛି। କୋଭିଡ୍ କଟକଣା ଜାରି ରହିଥିବାରୁ ବିଗତ ୨ବର୍ଷ ରଥଯାତ୍ରା ବନ୍ଦ ଥିଲା। ଚଳିତ ବର୍ଷ ଶ୍ରୀଜିଉଙ୍କ ସ୍ନାନଯାତ୍ରା କରାଯିବ। ଏହାପରେ ପ୍ରଥମ ଥର ପାଇଁ କୋଷାଗୁମୁଡ଼ା ଜଗନ୍ନାଥ ମନ୍ଦିରରେ ଠାକୁରମାନଙ୍କ ଗଜାନନ ବେଶ କରାଯିବ। ଅପରାହ୍ନ ୩ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ପରେ ମହାପ୍ରଭୁଙ୍କୁ ଅନବସର ଘରକୁ ବିଜେ କରାଯିବ। ନେତ୍ର ଉତ୍ସବ ପରେ ଶ୍ରୀଜିଉଙ୍କ ସର୍ବସାଧାରଣ ଦର୍ଶନ ଓ ରଥଯାତ୍ରା କରାଯିବ। ମାଉସୀ ମା' ଙ୍କ ଘରକୁ ବିଜେ କରିବେ। ଇସ୍କନ ପକ୍ଷରୁ ଆଡ଼ପ ମଣ୍ଡପରେ ସନ୍ଧ୍ୟା ଆଳତି, ଭଜନ କୀର୍ତ୍ତନ କରାଯିବ। ଚଳିତ ବର୍ଷ ମହାପ୍ରସାଦ ବଣ୍ଟନ ପାଇଁ କମିଟି ପକ୍ଷରୁ ଟୋକନ୍ ବ୍ୟବସ୍ଥା କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ରାଧାମୋହନ ବିଧାର, ପ୍ରଶାନ୍ତ କୁମାର ବକ୍ସି, ଦିବାକର ବିଶୋଇ, ଭି. ପ୍ରସାଦ ରାଓ, ପଦ୍ମନ ବିଷୋୟୀ, କେ. ଏନ୍. ରାଜୁ, ବାଳକୃଷ୍ଣ ମାଦଳା, ପଦ୍ମଚରଣ ପଟ୍ଟନାୟକ, ସତ୍ୟନାରାୟଣ ଚୌଧୁରୀ, ତ୍ରିଲୋଚନ ଧାକଡ଼, ବିନାୟକ ଷଡ଼ଙ୍ଗୀ, ଚନ୍ଦନ ସାହୁ, ମନ୍ଦିର ପୂଜକ ଅଜିତ ତ୍ରିପାଠୀ, ସୁରେଶ ଚନ୍ଦ୍ର ପାଢ଼ୀଙ୍କ ସହ ପୁରୋହିତବୃନ୍ଦ ଓ ଗ୍ରାମର ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ପ୍ରକଳ୍ପ ପାଇଁ ଖୋଳିଦେଇ ଖୋଲା ଛାଡ଼ିଦେଉଛନ୍ତି

ତେନ୍ତୁଳିଖୁଣ୍ଟି, ୧୧।୬(ଡି.ଏନ୍.ଏ.)

■ ବାରମ୍ବାର ଘଟୁଛି ଦୁର୍ଘଟଣା
■ ଗାତରେ ପଡ଼ି ମଇଁଷି ମୃତ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ମେଗା ଜଳ ପ୍ରକଳ୍ପରେ ବିଭିନ୍ନ ଗାଁ ଗଣ୍ଡା ଏବଂ ମୁଖ୍ୟ ରାସ୍ତାରେ ପାଇପ ପୋତା କାମ ଚାଲିଛି। ଗାତ ଖୋଳିବା ପରେ କୌଣସି ବିପଦ ସଙ୍କେତ ଚିହ୍ନ କିମ୍ବା ବ୍ୟାରିକେଡ୍ ରଖାଯାଉନାହିଁ। ଉକ୍ତ ଗାତରେ ପଡ଼ି ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଶୁକ୍ରବାର ଉକ୍ତ ଗାତରେ ପଡି ଏକ ଗର୍ଭିଣୀ ମଇଁଷିର ମୃତ୍ୟୁ ଘଟିଛି।

ଗୌଡ଼କଷ୍ଟିଗୁଡା ଗ୍ରାମର ମୁଖ୍ୟରାସ୍ତା କଡ଼ର ପାଇପ ବିଛାଇବା ପାଇଁ ଖୋଳାଯାଇଥିବା ଡ୍ରେନ୍‌ରେ ଗୋପୀନାଥ ଗୌଡ଼ଙ୍କ ଗର୍ଭିଣୀ ମଇଁଷି ପଡ଼ିଯାଇଥିଲା। ଏଥିରେ ମଇଁଷିଟିର ମୃତ୍ୟୁ ହୋଇଯାଇଛି। ମଇଁଷିର ଛୁଆ ହେବା ପରେ କ୍ଷୀର ବିକି ୫ପ୍ରାଣୀ କୁଟୁମ୍ବ ଚଳିଥାନ୍ତୁ ବୋଲି ଗୋପୀନାଥ କହିଛନ୍ତି। ବାରମ୍ବାର ଏପରି ଘଟଣା ଘଟୁଛି। ପ୍ରଶାସନ ମେଗା ଜଳ ପ୍ରକଳ୍ପ ଠିକାଦାର ପ୍ରତି ନରମ ମନୋଭାବ ପୋଷଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୋପୀନାଥଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରାଯାଇଛି।

# ହରପ୍ରିୟା ଏସ୍‌ଏଚ୍‌ଜିକୁ ଆହାର କେନ୍ଦ୍ର ରୋଷେଇ ପରିଚାଳନା ଦାୟିତ୍ୱ


ଆହାର କେନ୍ଦ୍ର ବାହାରେ ଅତିଥି ଓ ଏସ୍‌ଏଚ୍‌ଜି ମହିଳାମାନେ।

ନବରଙ୍ଗପୁର,୧୧।୬(ବି.ପ୍ର.)

ନବରଙ୍ଗପୁର ସରକାରୀ ଚିକିତ୍ସାଳୟ ନିକଟସ୍ଥ ଆହାର କେନ୍ଦ୍ରର ରୋଷେଇ ପରିଚାଳନା ଦାୟିତ୍ୱ ହରପ୍ରିୟା ମହିଳା ସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ପୌରାଧ୍ୟକ୍ଷ କୁନୁ ନାୟକ, ଜିଲାପାଳ ଡ. କମଳ ଲୋଚନ ମିଶ୍ର, ଉପଜିଲାପାଳ ତଥା ନିର୍ବାହୀ ଅଧିକାରୀ ସୁନିଲ କାର୍ତ୍ତିକ ଅଗ୍ରୱାଲ, ଉପାଧ୍ୟକ୍ଷା ସୌମ୍ୟ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ୫ଟଙ୍କିଆ ଟୋକେନ୍ ନେଇ ଆହାର କେନ୍ଦ୍ରରେ ଭୋଜନ କରିଥିଲେ। ହରପ୍ରିୟା ପଡ଼ାଲଗୁଡା ଏସ୍‌ଏଚ୍‌ଜି ସଭାପତି ଦଶମି ଭତ୍ରା, ସମ୍ପାଦିକା ରଶ୍ମିତା ବୈରାଗୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଏ. ସତିଶ, ଶର୍ମିଷ୍ଠା ଦେଓ, ଅମିତ ପ୍ରଧାନ, ନଗେନ୍ଦ୍ର ପଟ୍ଟନାୟକ, ରଞ୍ଜିତା ପଣ୍ଡା, ସମେଶ ଖରା, ମମତା ମହାରଣା, ଅଲେଖ ସୌରା, ରାମ ହରିଜନ, କେଶବ ରାଜୁ, ଉଷାରାଣୀ, ସନ୍ତୋଶୀ ଜାନୀ, ଗୀତାରାଣୀ ଯାଦବ ସମେତ ସିପି ମ୍ୟାନେଜର ରାମଶଙ୍କର ଦାସ ଓ ପୌର କାର୍ଯ୍ୟାଳୟର ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କୁ ଫେରାଇ ଆଣିବାକୁ ଥାନାର ଦ୍ୱାରସ୍ଥ ହେଲେ ସ୍ୱାମୀ

ଜୟପୁର, ୧୧।୬ (ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ ବୈରାଗୀମଠ ଗ୍ରାମବାସୀ ଶନିବାର ସଦର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ଖଗପତି ନାୟକଙ୍କ ସ୍ତ୍ରୀଙ୍କୁ ସେହି ଗ୍ରାମର ଜଣେ ବ୍ୟକ୍ତି ଦ୍ୱିତୀୟ ସ୍ତ୍ରୀ ଭାବେ ନେଇଯିବାରୁ ତାଙ୍କୁ ଫେରାଇ ଆଣିବା ପାଇଁ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରିବାର ଚଳାଇବାକୁ ଖଗପତି ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବା ଲାଗି ୩ ସନ୍ତାନ ଓ ସ୍ତ୍ରୀ ଯମୁନା ନାୟକଙ୍କୁ ବୈରାଗୀ ମଠରେ ଛାଡ଼ି ହାଇଦ୍ରାବାଦ ଯାଇଥିଲେ। ଏହି ସମୟରେ ଗ୍ରାମର ଜଣେ ବିବାହିତ ବ୍ୟକ୍ତି ଯମୁନାଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ନେଇଯାଇଥିଲେ। ଏହି ଖବର ପାଇ ଖଗପତି ହାଇଦ୍ରାବାଦରୁ ଆସିଥିଲେ। ଏନେଇ ଜିଲା ଆଇନ ସେବା ପ୍ରାଧିକରଣ ବ୍ଲକ ରିଟନର ହରିଶ ମୁଦୁଲିଙ୍କ ସହାୟତାରେ ଖଗପତି ଅଭିଯୋଗକରି ପରେ ଜୟପୁର ସଦର ଥାନାରେ ଲିଖିତ ଭାବେ ଜଣାଇଥିଲେ। ଏନେଇ ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡିଙ୍କ ସହ ଆଲୋଚନା କରିଥିଲେ। ପରେ ଯମୁନାଙ୍କୁ ଡକାଇ ଆଲୋଚନା କରାଯିବାରୁ ଯମୁନା ଖଗପତିଙ୍କ ସହ ରହିବା ପାଇଁ ରାଜି ହୋଇଥିଲେ।

# କୃଷକ ମହାସଂଘ ଘେରିଲା ବିହନ ପ୍ରକ୍ରିୟାକରଣ କେନ୍ଦ୍ର

ଡାବୁଗାଁ, ୧୧।୬ (ଡି.ଏନ୍.ଏ.)

ବିଭିନ୍ନ ଦାବିରେ ଶନିବାର ଚାଷୀ ଓ କୃଷକ ମହାସଂଘ ଡାବୁଗାଁସ୍ଥିତ ବିହନ ପ୍ରକ୍ରିୟାକରଣ କେନ୍ଦ୍ର ଘେରାଉ କରିଛନ୍ତି। ଜମି ନ ଥିବା ତଥା ଭାଗ ଚାଷୀଙ୍କୁ ପିଣ୍ଡ ବିହନ ଯୋଗାଇ ଦିଆଯାଉଛି। କିନ୍ତୁ ପ୍ରକୃତ ଚାଷୀ ଏଥିରୁ ବଞ୍ଚିତ ହେଉଛନ୍ତି। ତେଣୁ ସେମାନଙ୍କୁ ମଧ ପିଣ୍ଡ ବିହନ ଯୋଗାଇ ଦେବାକୁ ଦାବି କରିଛି କୃଷକ ମହାସଂଘ।

ନବରଙ୍ଗପୁର ଜିଲା ଚାଷୀ ମାନଙ୍କ ନିମନ୍ତେ ବିହନ ପ୍ରକ୍ରିୟାକରଣ କରାଇ ଉନ୍ନତମାନର ବିହନ ଯୋଗାଇ ଦେବା ପାଇଁ ଡାବୁଗାଁ କୃଷି କାର୍ଯ୍ୟାଳୟରେ ପ୍ରତିଷ୍ଠା ହୋଇଛି ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ। ଆଗରୁ ନବରଙ୍ଗପୁର ଜିଲାରୁ ମୋଟ ୭୭ ଜଣ ନିଗମ ଅଧୀନରେ ସଭ୍ୟ ରହି ଥିବାବେଳେ ସେମାନେ କେବଳ ପିଣ୍ଡ ବିହନ ନେଇ ଚାଷ କରି ବିହନ ପ୍ରକ୍ରିୟାକରଣ କରାଇବା ପାଇଁ ଧାନ ଯୋଗାଇଦେଇ ଥାଆନ୍ତି। ୭୭ ଜଣ ଙ୍କ ମଧ୍ୟରୁ ଡାବୁଗାଁରୁ ଚାଷୀ ୧୯ ଜଣ ଓ ଆଖ ପାଖ ଅଞ୍ଚଳର ଚାଷୀ ରହିଛନ୍ତି। ହେଲେ ଡାବୁଗାଁ ରେ ଜେତେ ଚାଷୀ ରହିଛନ୍ତି କାହାର ଚାଷ ଜମି ନ ଥାଇ ସଭ୍ୟ ଅଛନ୍ତି ତ ଗୋଟିଏ ଘରେ ୨ ଟି, ଆଉ କେତୋଟି ଘରେ ୫ଟି ସଭ୍ୟ ରହି ଥିବା ଯୋଗୁଁ ଚାଷୀ ଓ ଡାବୁଗାଁ କୃଷକ ମହା ସଙ୍ଘ ଏହାର ବିରୋଧ କରିଥିଲେ। ଚାଷୀମାନଙ୍କ ଅବଗତି ନିମନ୍ତେ ନିଗମର ନିତି ନିୟମ ଉପରେ କେବେ ସଭା କି ଆଲୋଚନା ନ ହେବାରୁ ଚାଷୀ ନିତି ନିୟମ ଜାଣି ପାରୁ ନାହାନ୍ତି। ଏଣୁ ପିଣ୍ଡ ବିହନ ନେଇ ଚାଷ କରିବା ପାଇଁ ନିଗମ ସଭ୍ୟ ହୋଇ ପାରୁ ନାହାନ୍ତି । ହେଲେ ପ୍ରକୃତ ଚାଷୀ ଏଥିରେ ସାମିଲ ନ ହୋଇ ଭାଗ ଚାଷୀ ସାମିଲ, ଘରେ ଜଣଙ୍କୁ ସଭ୍ୟ ନ କରି ୨ ଓ ୫ ଜଣ ସଭ୍ୟ ରହି ଏହାର ଫାଇଦା ଉଠାଉଛନ୍ତି । ଏବର୍ଷ ୭୭ ଜଣ ନିଗମର ସଭ୍ୟ ୧୯୫ ହେକ୍ଟର ଜମି ଚାଷ ନିମନ୍ତେ ୯୭ କୁଣ୍ଟାଲ ଧାନ ପ୍ରକ୍ରିୟା କରଣ ପାଇଁ ଆସିବାର ଧାର୍ଯ୍ୟ ରହିଛି। କୋଷାଗୁମୁଡାରୁ ଆସିଥିବା ଧାନ ଦେଖି ପ୍ରକ୍ରିୟା କରଣ ହେବା ଯୋଗ୍ୟ ନୁହେଁ ବୋଲି ଡାବୁଗାଁ କୃଷକ ମହାସଙ୍ଘ ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସଙ୍କୁ ଦେଖାଇ କହିଥିଲେ। ଗୋଟିଏ ପରିବାରରେ ଜଣେ ସଦସ୍ୟ ଓ ଚାଷ ଜମି ନ ଥିଲାବାଲାକୁ ନିଗମର ସଦସ୍ୟ ନ କରାଇ ପ୍ରକୃତ ଚାଷୀଙ୍କୁ ସଦସ୍ୟ କରାଇ ଏହାର ସମାଧାନ କରାଯାଉ ବୋଲି କୃଷକ ମହାସଙ୍ଘ ଦାବି କରିଛି। ଉକ୍ତ କାର୍ଯ୍ୟକ୍ରମରେ ଡାବୁଗାଁ କୃଷକ ମହାସଙ୍ଘ ସଭାପତି ସତ୍ୟରଞ୍ଜନ ପାତ୍ର, ଉପସଭାପତି ରାଜେନ୍ଦ୍ର ମିଶ୍ର, ସଭ୍ୟ ତରଣୀରେଲି, ମନୁ ରେଲି ପ୍ରମୁଖଙ୍କ ସହ ବରିଷ୍ଠ ଆଇନଜୀବୀ ତଥା ଚାଷୀ ଦିବ୍ୟ ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଧାନ ପ୍ରକ୍ରିୟାକରଣ କେନ୍ଦ୍ର ଆଗରେ କୃଷକ ମହାସଂଘ ସଦସ୍ୟମାନେ।

# ଏସି, ଫ୍ୟାନ୍ ଅଚଳ: ଗୁଳୁଗୁଳିରେ ଅତିଷ୍ଠ ପ୍ରସୂତି, ଶିଶୁ

ନବରଙ୍ଗପୁର,୧୧।୬(ବି.ପ୍ର.)

■ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ
■ ଖରାରେ ବାହାରେ ରୋଷେଇ କରୁଛନ୍ତି ରୋଗୀଙ୍କ ସମ୍ପର୍କୀୟ

ଫ୍ୟାନ ଚାଲୁନି। ଏସି ଅଛି କିନ୍ତୁ ତାହା ଲଗାଯାଉନାହିଁ। ଲିଫ୍ଟ ରଖିଛି ତାହା କାମ କରୁନାହିଁ। ରୋଗୀ ସମ୍ପର୍କୀୟ ରୋଷେଇ କରି ଖାଇବା ପାଇଁ ଶେଡ଼ ଟିଏ ମଧ ନାହିଁ। ଖରା ଗରମ ଓ ଗୁଳଗୁଳିରେ ପ୍ରସୂତି, ଶିଶୁ ଓ ଗର୍ଭାବତୀ ସିଝୁଛନ୍ତି। ତଦାରଖ ଓ ପରିଚାଳନାଗତ ତ୍ରୁଟି ଯୋଗୁ ସରକାରୀ ବ୍ୟବସ୍ଥା ଫସର ଫାଟି ଯାଉଛି। ଏହିଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପରିସରସ୍ଥ ମାତୃ ଓ ଶିଶୁ ଚିକିତ୍ସା ବିଭାଗରେ।

ନବରଙ୍ଗପୁର ସଦର ମହକୁମା ପରିସରରେ ଥିବା ମାତୃ ଓ ଶିଶୁ ଚିକିତ୍ସା ବିଭାଗରେ ରହିଛି ୫୦ ଶଯ୍ୟା। ପ୍ରସୂତି ଓ ଶିଶୁମାନଙ୍କୁ ମାଗଣା ଚିକିତ୍ସା ପାଇଁ ସରକାର ବ୍ୟାପକ ଅର୍ଥ ଖର୍ଚ୍ଚ କରୁଛନ୍ତି। ତ୍ରୁଟିପୂର୍ଣ୍ଣ ଯନ୍ତ୍ରପାତି, ଫ୍ୟାନ, ଏସି, ବଲବ ଲଗାଇବା ଓ ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ରୋଗୀ ଏହି ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରତୀକ୍ଷା ପାଇଁ ରହିଥିବା ସ୍ଥାନରେ ଚେୟାର ପଡିଛି। ଫ୍ୟାନ ଘୁରୁ ନାହିଁ।


ମାତୃ ଓ ଶିଶୁ ବିଭାଗରେ ଥିବା ରୋଗୀଙ୍କ ସମ୍ପର୍କୀୟ ବାହାରେ ରୋଷେଇ କରୁଛନ୍ତି।

ବାହାର ପବନ ଝରକା ଆଡୁ ଆସିବା ପାଇଁ ରହିଛି। ତେବେ ସେଗୁଡିକରେ ଗ୍ଲାସ (କାଚ) ଲଗାଇ ଦିଆଯାଅଛି। ପ୍ରସୂତି ଓ ଶିଶୁଙ୍କ ୱାର୍ଡରେ ଲାଗିଥିବା ୨୦ ଟି ଫ୍ୟାନ ଲାଗିବା ବ୍ୟବସ୍ଥା ରହିଛି। ତିନୋଟି ଫ୍ୟାନ କାଢ଼ି ଦିଆଯାଇଥିବାବେଳେ ୭ଟି ଅଚଳ। ଲିଫ୍ଟ ୪ ମାସ ହେବ ଚାଲୁନି। ଏହି ବିଭାଗ ଖୋଲିବା ସମୟରେ ୱାର୍ଡରେ ଏସି ଲଗାଯାଇଥିଲା। ଏବେ ତାହା ମଧ୍ୟ କାମ କରୁନାହିଁ। ଅସହ୍ୟ ଗରମ ଗୁଳୁଗୁଳିରେ ପ୍ରସୂତି ଓ ଶିଶୁଙ୍କ ଅବସ୍ଥା ଗମ୍ଭୀର ହୋଇଗଲାଣି। ଗରମ ସହ୍ୟ କରି ନପାରି ପ୍ରସୂତିମାନେ ବାରକୁ ଆସି ବସୁଛନ୍ତି। ନବରଙ୍ଗପୁର ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପ୍ରଦୀପ ସାହୁ ହସ୍ପିଟାଲ ମ୍ୟାନେଜରଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇ ନ ଥିଲା। ଏନେଇ ହସ୍ପିଟାଲ ମ୍ୟାନେଜର ରଶ୍ମୀରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରୁ ଫ୍ୟାନ ଗୁଡିକ ତିଆରି କରିବାକୁ ତୁରନ୍ତ ଇଲେକ୍ଟ୍ରିସିଆନଙ୍କୁ ପଠାଉଛି ବୋଲି କହିଲେ। ସିଡିଏମ୍‌ଓ କାଳୀ ପ୍ରସାଦ ବେହେରାଙ୍କୁ ୱାର୍ଡ ସମସ୍ୟା ସମ୍ପର୍କରେ ଜଣାଇବାପରେ ଇଲେକ୍ଟ୍ରିସିଆନ ଫ୍ୟାନ ମରାମତି କରିବାକୁ ଆସିଥିଲେ। ତେବେ ଫ୍ୟାନ ଗୁଡିକର ଷ୍ଟାଟର ଓ କଏଲ ଓ ବେରିଂ ନଷ୍ଟ ହୋଇଥିବାରୁ ଏହା ଅଣାଗଲେ ତିଆରି ହୋଇପାରିବ ବୋଲି ଇଲେକ୍ଟ୍ରିସିଆନ କହିଥିଲେ। ଦୀର୍ଘ ୪ ମାସ ହେବ ଏହି ସମସ୍ୟା ଲାଗି ରହିଥିଲେ ମଧ ଏଥି ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ନ ପଡିବା ବିଡ଼ମ୍ବନାର ବିଷୟ ବୋଲି ପ୍ରଦୀପ ସାହୁ କହିଛନ୍ତି। ଫ୍ୟାନ୍,ଲାଇଟ୍ ସାଙ୍ଗକୁ ରୋଗୀଙ୍କ ସମ୍ପର୍କୀୟଙ୍କ ରହିବା, ରୋଷେଇର କୌଣସି ସୁବିଧା ନାହିଁ। ପ୍ରାୟ ରୋଗୀ ୫/୭ ଦିନ ରହିଥାଏ, ସାଙ୍ଗରେ ଆଣିଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବାହାରେ ରଖିବାକୁ ପଡୁଛି । ଖରା, ବର୍ଷା ସମୟରେ ରୋଷେଇ, ଖାଇବା, ଜିନିଷ ପତ୍ରକୁ ସାଇତି ରଖିବାରେ କୌଣସି ସୁବିଧା ନାହିଁ। ଅନେକ ସମୟରେ ବାହାରେ ରଖିଥିବା ଖାଦ୍ୟ କୁକୁରଙ୍କ ଆହାର ହୋଇଥାଏ। ସେ ସବୁ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ରହିଛି। ଆଗକୁ ବର୍ଷା ଦିନ ଆସୁଥିବା ହେତୁ ଲୋକଙ୍କ ସୁବିଧା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।

